## ସଂକ୍ଷେପରେ

### ଗଞ୍ଜେଇ ଗଛ ନଷ୍ଟ କରାଗଲା



ବନ୍ତଲା, ୯।୧- ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ତୁଲିଆ ପଞ୍ଚାୟତ କଦଳୀବେରେଣୀ ଜଙ୍ଗଲରେ ଗୁରୁବାର ଜିଲା ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇ ଲଗାଯାଇଥିବା ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏଥିସହିତ ଅନନ୍ତପୁର ଗ୍ରାମରେ ଚଢ଼ାଉ କରାଯାଇ ସୁଦର୍ଶନ ପ୍ରଧାନ ଓ ଭରତ ପ୍ରଧାନଙ୍କ ଠାରୁ ୧୮ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅତିରିକ୍ତ ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାଏକଙ୍କ ନେତୃତ୍ୱରେ ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ଦିଲୀପ କୁମାର ବେହେରା, କରୁଣାକର ତ୍ରିବେଣୀ, ଅନନ୍ତ ରାଉତରାୟ ପ୍ରମୁଖ ୯ ଜଣିଆ ଟିମ୍ ଚଢ଼ାଉ କରିଥିଲେ।

### ୮ ହଜାର ଜରିମାନା ଆଦାୟ

ବଇଣ୍ଡା,୯।୧(ଡି.ଏନ.ଏ.)- ୫୫ନଂ. ଜାତୀୟ ରାଜପଥର ହଣ୍ଡପା ଥାନା କମରେଇଠାରେ ବୁଧବାର ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍‌କୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇଥିଲା। ଏଥିରେ ୫ଟି ମାମଲା ରୁଜୁ କରାଯାଇ ୨୫ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ଗୁରୁବାର ନାକିଚିଠାରେ ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍, ଚାରିଚକିଆ ଯାନକୁ ଅଟକାଇ ଯାଞ୍ଚ କରାଯାଇଥିବା ସହ ୧୧ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇ ୫୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ହଣ୍ଡପା ସେକେଣ୍ଡ ଅଫିସର ସରୋଜ କୁମାର ଦାସ ଓ ଏଏସ୍‌ଆଇ ଆର. ବିଶ୍ୱାଳ ଏହି ଯାଞ୍ଚ କରିଥିଲେ।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

ବଇଣ୍ଡା,୯।୧(ଡି.ଏନ.ଏ.)- କିଶୋରନଗର ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଘୋଷର ଗ୍ରାମର ଦେବାଶିଷ ରାଉଳ(୨୮) ବଳାତ୍କାର କରିଥିବା ବୁଧବାର କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୪/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ମହିଳାଙ୍କ ଘରକୁ ଦେବାଶିଷ ଯାଇ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ପରେ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଦେବାଶିଷଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

■ଅନୁଗୋଳରେ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ

# ମୋ ସରକାର ନିୟମାବଳୀ ଶୁଭାରମ୍ଭ

ଅନୁଗୋଳ ଅଫିସ, ୯।୧

ରାଜ୍ୟ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କମିଶନର ତଥା ସଚିବ ଭାସ୍କର ଜ୍ୟୋତି ଶର୍ମା ଗୁରୁବାରଠାରୁ ଦୁଇଦିନିଆ ଅନୁଗୋଳ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସଚିବ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିବା ସହ ଜିଲାରେ ମୋ ସରକାର କାର୍ଯ୍ୟକ୍ରମ ଜରିଆରେ ଅନ୍‌ଲାଇନ୍‌ରେ ଭିନ୍ନକ୍ଷମ ପରିଚୟ ପତ୍ର ପ୍ରଦାନ ଓ ଡିବିଟି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଅନୁଗୋଳ ଜିଲାରେ ଏହି ବ୍ୟବସ୍ଥାକୁ ପାଇଲଟ୍ ପ୍ରକଳ୍ପ ଭାବେ କରାଯାଉଛି ବୋଲି ସଚିବ ପ୍ରକାଶ କରିଛନ୍ତି।

■ଅନ୍‌ଲାଇନ୍‌ରେ ଭିନ୍ନକ୍ଷମ ପରିଚୟପତ୍ର ପ୍ରଦାନ ହେବ

■ଭତ୍ତା ସହ ସଂଯୋଗ ହେବ ଆଧାରକାର୍ଡ

■କାର୍ଯ୍ୟକାରୀ ହେବ ଭିକାରୀ ଆଶ୍ରୟ ଗୃହ

ଜିଲା କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ସଚିବ ଯୋଗଦେଇ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ ସମ୍ପର୍କରେ ସମୀକ୍ଷା କରିଥିଲେ।



ସମୀକ୍ଷା ବୈଠକରେ ସଚିବଙ୍କ ସହ ଜିଲାପାଳ ଓ ବିଭାଗୀୟ ନିର୍ଦ୍ଦେଶିକା।

ଏଣିକି ହିତାଧିକାରୀମାନଙ୍କ ସହାୟତା ରାଶି (ଡିବିଟି) ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ମୋବାଇଲ ଆପ୍ ମାଧ୍ୟମରେ ଭିନ୍ନକ୍ଷମମାନଙ୍କୁ ସେମାନଙ୍କ ପରିଚୟ ପତ୍ର ମଧ୍ୟ ପ୍ରଦାନ କରାଯିବ। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥରାଶି ପ୍ରଦାନ କରାଯିବ ବୋଲି ସଚିବ କହିଥିଲେ। ଏହି କାର୍ଯ୍ୟକୁ ନିଷ୍ଠା ଓ ଦାୟିତ୍ୱର ସହ କରିବାକୁ ସଚିବ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ମନୋଜ କୁମାର ମହାନ୍ତି ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସଚିବଙ୍କୁ ଅବଗତ କରିଥିଲେ। ବୈଠକରେ ଉପସ୍ଥିତ ବିଭାଗୀୟ ନିର୍ଦ୍ଦେଶିକା ବ୍ରତତ୍ରୀ ହରିଚନ୍ଦନ ମୋ ସରକାରରେ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା ପାଇଁ ଶୁଭାରମ୍ଭ ହୋଇଥିବା ମୋବାଇଲ ଆପ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ହିତାଧିକାରୀଙ୍କ ଅଭିଯୋଗ ପଞ୍ଜୀକରଣ ହେଲେ ତାଙ୍କ ମୋବାଇଲରେ ଏହା ପ୍ରଦର୍ଶିତ ହେବ ଓ ଉପରିସ୍ଥ ଅଧିକାରୀ ସମ୍ପୃକ୍ତ ବ୍ୟକ୍ତି କ'ଣ ଚାହୁଁଛନ୍ତି, କିପରି ସେବା ଓ ବ୍ୟବହାର ପାଉଛନ୍ତି ତାହା ଜାଣିପାରିବେ। ଭତ୍ତା ପାଉଥିବା ହିତାଧିକାରୀମାନଙ୍କ ଆଧାର କାର୍ଡକୁ ସଂଯୋଗ କରାଯାଇ ଏହାକୁ କଡ଼ାକଡ଼ି ଭାବେ ସମୀକ୍ଷା କରି ପ୍ରକୃତ ହିତାଧିକାରୀ ଚିହ୍ନଟ କରିବାକୁ କମିଶନର ପରାମର୍ଶ ଦେଇଥିଲେ। ଆସନ୍ତା ୧୫ ତାରିଖ ସୁଦ୍ଧା ଏହି କାର୍ଯ୍ୟ ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପୁରୀ ଓ ଭୁବନେଶ୍ୱର ପରେ ଅନୁଗୋଳ ଜିଲାରେ କାର୍ଯ୍ୟକାରୀ ହେବ ଭିକାରୀ ଆଶ୍ରୟ ଗୃହ। ଏହି ଗୃହରେ ଜିଲାର ଭିକାରୀମାନଙ୍କୁ ଚିହ୍ନଟ କରାଯାଇ ମାଗଣାରେ ରହିବା ଓ ଖାଇବାର ବ୍ୟବସ୍ଥା କରାଯିବ। ଏଣିକି ପ୍ରତ୍ୟେକ ଦିନ ମେଡିକାଲ ବୋର୍ଡ ବସି ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିବ। ଉପରୋକ୍ତ ୩ଟି କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ନେଇ ପାୱାର ପଏଣ୍ଟ ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଡ଼ଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀମାନେ ଯୋଗଦେଇଥିଲେ।

■କନ୍ୟାଶ୍ରମରେ ନିର୍ଯାତନା ଅଭିଯୋଗ ଘଟଣା

# ତଦନ୍ତ ରିପୋର୍ଟ ଦେଲେ ଡିସିପିଓ

ଅନୁଗୋଳ ଅଫିସ, ୯।୧

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଥିବା କ୍ଷୀରୋଦବାସିନୀ କନ୍ୟାଶ୍ରମରେ ଦୁଇ ଅନ୍ତେବାସୀ ଭଉଣୀଙ୍କୁ ନିର୍ଯାତନା ଦିଆଯିବା ଅଭିଯୋଗ ଘଟଣାର ତଦନ୍ତ ରିପୋର୍ଟ ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ) ଗୌରୀ ଶଙ୍କର ବେହେରା ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। କନ୍ୟାଶ୍ରମରେ ଛାତ୍ରୀମାନଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ସତ୍ୟ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଥିବା ଡିସିପିଓ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କନ୍ୟାଶ୍ରମ ଛାଡ଼ିଥିବା ଦୁଇ ଭଉଣୀ ଓ ସମ୍ପର୍କୀୟଙ୍କୁ କନ୍ୟାଶ୍ରମ ଅଧ୍ୟକ୍ଷା ଧମକ ଦେଉଥିବା ନେଇ ସମ୍ପର୍କୀୟ ଜୟନ୍ତୀ ପଟ୍ଟନାୟକ ଜିଲାପାଳ ମନୋଜ କୁମାର ମହାନ୍ତି ଓ ଏସ୍‌ପି ଜଗମୋହନ ମୀନାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ତଦନ୍ତ ରିପୋର୍ଟ ଅନୁଧ୍ୟାନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମହାନ୍ତି କହିଛନ୍ତି। ତେବେ ଦୁଇ ଛାତ୍ରୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଧମକ ଦେବା ଅଭିଯୋଗକୁ କନ୍ୟାଶ୍ରମ ଅଧ୍ୟକ୍ଷା ସ୍ମିତା ପଟ୍ଟନାୟକ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଏପରି କୌଣସି କଥା କହିନାହିଁ। ତାଙ୍କ ବିରୋଧରେ ଏପରି ମିଥ୍ୟା ପ୍ରଚାର କରାଯାଉଛି।

## ଜିଲାପାଳଙ୍କୁ ଦାବିପତ୍ର ଦେଲେ ଅଧ୍ୟକ୍ଷା

ଅନୁଗୋଳ ଅଫିସ, ୯।୧

ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ କ୍ଷୀରୋଦବାସିନୀ କନ୍ୟାଶ୍ରମରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଡିସିପିଓଙ୍କ ଏକ ଷଡ଼ଯନ୍ତ୍ର ବୋଲି କନ୍ୟାଶ୍ରମ ଅଧ୍ୟକ୍ଷା ସ୍ମିତା ପଟ୍ଟନାୟକ ଅଭିଯୋଗ କରିବା ସହ ସୁରକ୍ଷା ଯୋଗାଇ ଦେବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରେ ଅଧ୍ୟକ୍ଷା ଦର୍ଶାଇଛନ୍ତି ଯେ, କନ୍ୟାଶ୍ରମର ଅନେକ ପିଲାଙ୍କ ଉପରେ ଡିସିପିଓ ମାନସିକ ଚାପ ପକାଇ ଭୟ ସୃଷ୍ଟି କରୁଛନ୍ତି। ଏଥିସହ କନ୍ୟାଶ୍ରମରୁ ପିଲାମାନଙ୍କୁ ନେଇ ଯିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। କନ୍ୟାଶ୍ରମ ବିରୋଧରେ ଆସିଥିବା ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ସହ ଅନୁଷ୍ଠାନକୁ ସୁରକ୍ଷା ଯୋଗାଇ ଦେବାକୁ ଅଧ୍ୟକ୍ଷା ପଟ୍ଟନାୟକ ଦାବି କରିଛନ୍ତି। ଏ ନେଇ ଡିସିପିଓ ଗୌରୀଶଙ୍କର ବେହେରା କହିଛନ୍ତି ଅଧ୍ୟକ୍ଷା ଆଣିଥିବା ଅଭିଯୋଗରେ କୌଣସି ସତ୍ୟାସତ୍ୟ ନାହିଁ। ସମ୍ପୂର୍ଣ୍ଣ ନିରପେକ୍ଷ ଭାବେ ତଦନ୍ତ ହୋଇଛି। ରିପୋର୍ଟ ମଧ୍ୟ ଜିଲାପାଳଙ୍କୁ ପ୍ରଦାନ ସରିଛି।

## ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା,୯।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଦିନିକିଆ ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ହେମନ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଜଳଧର ସାହୁ, ଗାଁ ବଇଣ୍ଡା ସରପଞ୍ଚ ମାନସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ସାହୁ ସଭାପତିତ୍ୱ କରିଥିଲେ। ଭବାନୀଶଙ୍କର ପ୍ରଧାନଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ। ଦୁର୍ଯ୍ୟୋଧନ ଗୁରୁ ପରିଚାଳନା କରିଥିଲେ।

## ପାରିବାରିକ କଳହକୁ ନେଇ ଗଣ୍ଡଗୋଳ

ବଇଣ୍ଡା,୯।୧(ଡି.ଏନ.ଏ.)

ହଣ୍ଡପା ଥାନା ହଣ୍ଡପା ଗ୍ରାମର ସୁମତି ଦେହୁରୀଙ୍କୁ ତାଙ୍କ ପଡ଼ୋଶୀ ଭମ୍ବର ଦେହୁରୀ, ଭୂମିସୂତା ଦେହୁରୀ ଠେଙ୍ଗାରେ ମଙ୍ଗଳବାର ପିଟିଥିବା ବୁଧବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପାରିବାରିକ କଳହକୁ ନେଇ ସୁମତିଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ଭୂମିସୂତା ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ସେ ଘରେ ଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ କୁନା ଦେହୁରୀ ଓ ସୁମତି ଦେହୁରୀ ଠେଙ୍ଗାରେ ପିଟିଥିଲେ। ଏ ନେଇ ପୋଲିସ ନଂ. ୩/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ଉଠାଦୋକାନୀଙ୍କ କବ୍‌ଜାରେ ମେଡିକାଲ ପଛ ଗେଟ୍

# ଦୁର୍ଦ୍ଦଶା ଭୋଗୁଛନ୍ତି ରୋଗୀଙ୍କ ସମ୍ପର୍କୀୟ

ଅନୁଗୋଳ ଅଫିସ, ୯।୧

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରବେଶ ପଥ ଏବେ ଉଠା ଦୋକାନୀଙ୍କ କବ୍‌ଜାରେ ଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଚିକିତ୍ସାଳୟକୁ ଆସୁଥିବା ଲୋକମାନେ ସମସ୍ୟାରେ ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ତାଗିଦ ପରେ ମଧ୍ୟ ଦୋକାନୀମାନେ ସେଠାରେ ଠେଲା ପକାଉଥିବାରୁ ଏ ନେଇ ପୌରପାଳିକା ପାଖରୁ ଆରମ୍ଭ କରି ଜିଲାପାଳଙ୍କୁ ଅବଗତ କରାଯାଇଛି ବୋଲି ମେଡିକାଲ କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦୁଇଟି ପ୍ରବେଶ ପଥ ରହିଛି। ଗୋଟିଏ ସଞ୍ଜିବନୀ ମାର୍କେଟ କମ୍ପ୍ଲେକ୍ସ ରାସ୍ତାରେ ଓ ଅନ୍ୟଟି ମେଡିକାଲ ପଛପାର୍ଶ୍ୱ ଗେଟ୍ ଭାବେ ରହିଛି। ମେଡିକାଲର ମୁଖ୍ୟ ଫାଟକରେ ଗହଳି ରହୁଥିବାରୁ ଆମ୍ବୁଲାନ୍ସ ପାଖରୁ ଆରମ୍ଭ କରି ରୋଗୀଙ୍କ ସମ୍ପର୍କୀୟମାନେ ପଛ ପାର୍ଶ୍ୱରେ ଯାତାୟତ କରିଥାନ୍ତି। କିନ୍ତୁ ପଛ ପାର୍ଶ୍ୱ ଫାଟକ ଏବେ ଉଠା ଦୋକାନୀଙ୍କ କବ୍‌ଜାକୁ ଚାଲିଯାଇଛି। ଦୁଇରୁ ତିନି ଦିନ ହେବ ମେଡିକାଲ ହତାକୁ ଲାଗି ରହିଥିବା ଦୋକାନ ଗୁଡ଼ିକ ଏବେ ପଛ ଗେଟ୍ ପାଖରେ ଛିଡ଼ା ହେଲାଣି। ଏ ନେଇ କେହି ମୁହଁ ଖୋଲୁ ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ମିଳିଥିବା ସୂଚନା ମୁତାବକ ପୌରପାଳିକାର ଡ୍ରେନ୍ ସଫେଇ କାର୍ଯ୍ୟ ହେଉଥିବାରୁ ମେଡିକାଲ ପାଚେରି ନିକଟରେ ଥିବା ଦୋକାନୀଙ୍କୁ ଉଠାଯାଇଥିଲା। ଏହାପରେ ସେମାନେ ପଛପାର୍ଶ୍ୱକୁ ଚାଲିଆସିବାରୁ ରୋଗୀ ଓ ସାଧାରଣ ଲୋକମାନେ ଯାତାୟତ କରିବା ପାଇଁ ସମସ୍ୟାରେ ପଡୁଛନ୍ତି। ଏ ନେଇ ପୌରପାଳିକାର ଜଣେ ଅଧିକାରୀ କହିଛନ୍ତି, ମେଡିକାଲ ବାହାରେ ପଡ଼ିଥିବା ଦୋକାନଗୁଡ଼ିକୁ ସେଠାରୁ ଉଠାଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଏପରି କି ଦୋକାନ ଉଠାଇବା ପାଇଁ ନୋଟିସ୍ ପଠାଯାଇଛି। ଯଦି କୌଣସି ଦୋକାନୀ ଏହି ନିର୍ଦ୍ଦେଶକୁ ଖାତିର ନ କରନ୍ତି, ତା'ହେଲେ ସେମାନଙ୍କୁ ଜବରଦସ୍ତ ଉଠାଯିବ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି।



ମେଡିକାଲ ପଛ ଗେଟ୍ ସମ୍ମୁଖରେ କ୍ୟାବିନଗୁଡ଼ିକୁ ପକାଯାଇଛି।

■ନବୋଦୟ ପ୍ରବେଶିକା ପାଇଁ ୮ ବ୍ଲକରେ ୧୫ ସେଣ୍ଟର

# ପରୀକ୍ଷା ଦେବେ ୪୦୭୪ ଛାତ୍ରୀଛାତ୍ର



ପରୀକ୍ଷା ପରିଚାଳନା ପାଇଁ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

ବନ୍ତଲା, ୯।୧ (ଡି.ଏନ.ଏ.)

ଅନୁଗୋଳ ଜିଲା ଚମ୍ପତିମୁଣ୍ଡା ଜବାହର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପାଇଁ ଆସନ୍ତା ୧୧ ତାରିଖରେ ପ୍ରବେଶିକା ପରୀକ୍ଷା କରାଯିବ। ଏଥିପାଇଁ ବୁଧବାର ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଓ ଗୁରୁବାର ଚମ୍ପତିମୁଣ୍ଡା ଜବାହର ନବୋଦୟ ବିଦ୍ୟାଳୟରେ ପରୀକ୍ଷା ପରିଚାଳନା ନିମନ୍ତେ ତାଲିମ ଦିଆଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ଓ ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ରପ୍ରସାଦ ସାହୁଙ୍କ ଉପସ୍ଥିତିରେ ତାଲିମ ପ୍ରଦାନ କରାଯାଇଥିଲା। ପରୀକ୍ଷା ଇନ୍‌ଚାର୍ଜ ଦାୟିତ୍ୱରେ ଥିବା ନବୋଦୟ ବିଦ୍ୟାଳୟର ରଶ୍ମିତାରାଣୀ ଧର, ପ୍ରକାଶ କୁମାର ଦାଶ ତାଲିମ ପ୍ରଦାନ କରିଥିଲେ। ଜିଲାରେ ସମୁଦାୟ ୪ ହଜାର ୭୪ ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେବେ। ଏଥିପାଇଁ ୮ଟି ବ୍ଲକରେ ୧୫ଟି ସେଣ୍ଟର ଖୋଲାଯାଇଛି। ଶନିବାର ସକାଳ ୧୦ଟା ୩୦ରେ ପରୀକ୍ଷା ହଲ୍‌କୁ ଛାତ୍ରୀଛାତ୍ରମାନେ ପ୍ରବେଶ କରିବେ। ୧୧ଟା ୩୦ରୁ ୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ହେବ। ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪ ଶହ, ବନ୍ତଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୧୦, ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୩୩୦, ବଅଁରପାଳ ବ୍ଲକ ପିବିକେ ଉଚ୍ଚ ବିଦ୍ୟାଳୟରେ ୩୩୬, କୁମଣ୍ଡ ଜରାସିଂହା ଉଚ୍ଚ ବିଦ୍ୟାଳୟରେ ୩୦୦, ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟରେ ୩୬୭, କୋଶଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୫୦, କଣିହାଁ ପିଏମ୍ ଉଚ୍ଚ ବିଦ୍ୟାଳୟରେ ୨୮୧, ସମଲବ୍ୟାରେଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ ଶହ, କିଶୋରଗଞ୍ଜ ଆରଡ଼ି ଉଚ୍ଚ ବିଦ୍ୟାଳୟରେ ୨୨୮, କିଶୋରନଗର ଉଚ୍ଚ ବିଦ୍ୟାଳୟରେ ୨ ଶହ, ପାଲଲହଡ଼ା ମହତାବ ଉଚ୍ଚ ବିଦ୍ୟାଳୟରେ ୨୪୪, ଖମାର ଯୁଜିଝୁ ବିଦ୍ୟାପୀଠରେ ୨ ଶହ, ତାଳଚେର ହାଣ୍ଡିଧୂଆଁ ଉଚ୍ଚ ବିଦ୍ୟାଳୟରେ ୨୨୮, ବଲଣ୍ଡା ନୀଳକଣ୍ଠେଶ୍ୱର ବିଦ୍ୟାପୀଠରେ ୨ ଶହ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ପି.କେ. ବାରିକ, ଡଲି ନାୟକ, ଏସ୍. ଶତପଥୀ, ଏସ୍. ରାଉଳ, ପି.କେ. ଦାଶ, ବି.ଆର. ମିଶ୍ର, ଜେ. ଶାସ୍ତ୍ରୀ, ୱାଇ. ଦାଶ, ପି.କେ. ପାଢ଼ୀ, ଆର୍.ଏସ. ଓଝା, କେ.କେ. ମୁଣ୍ଡା, ଜେ. କୁମାର, ଏସ୍.କେ. ନନ୍ଦ, ଏଚ୍.ଏସ. ବେହେରା ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲା ଶିକ୍ଷା ଅଧିକାରୀ ଓ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ସ୍କ୍ୱାଡ୍ ଦାୟିତ୍ୱରେ ଅଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଜିଲାପାଳ ମନୋଜ କୁମାର ମହାନ୍ତି ସମସ୍ତ କେନ୍ଦ୍ରର ପ୍ରଧାନଶିକ୍ଷକ, ଶିକ୍ଷକ ଓ ନବୋଦୟ ବିଦ୍ୟାଳୟ କର୍ମଚାରୀଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।

■ଶିଶୁମନ୍ଦିର ଜମିକୁ ନେଇ ଅସନ୍ତୋଷ

# ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ

ବନ୍ତଲା, ୯।୧ (ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜମିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗ୍ରାମବାସୀ ଗୁରୁବାର ତହସିଲ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ସିଂହ, ସୁଦର୍ଶନ ଗୁରୁ, ଚମ୍ପତିମୁଣ୍ଡା ରାଜସ୍ୱ ଅଧିକାରୀ ତପସ୍ୱିନୀ ସାହୁ ଓ ବନ୍ତଲା ଥାନା ଅଧିକାରୀ ଗୀତାଞ୍ଜଳି ସାହୁଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଗ୍ରାମ ସଭାପତି ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମର ପୂର୍ବତନ ସମ୍ପାଦକ ଯତୀନ୍ଦ୍ର ପ୍ରଧାନ, ସୁରେଶ ଦେହୁରୀ, ଗୋକୁଳାନନ୍ଦ ପ୍ରଧାନ, ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ମୁନା ପ୍ରଧାନ, ସୁଲଭ ଦେହୁରୀ ପ୍ରମୁଖ ବୁଧବାର ଏ ନେଇ ଗ୍ରାମ ଦୋଳ ମଣ୍ଡପରେ ବୈଠକ କରିଥିଲେ। ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଗ୍ରାମରେ ପୋଲିସ ବିଭାଗ ଓ କାଞ୍ଜିଆହୁଦା ପାଇଁ ୬୫ ଡିସିମିଲ ପତିତ କିସମ ଜାଗା ପୋଲିସ ବିଭାଗ ନାମରେ ରହିଛି। କିନ୍ତୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଉକ୍ତ ଜାଗାକୁ ଜବର ଦଖଲ କରାଯିବା ସହ ରେକର୍ଡ କରାଇ ନେବା ପ୍ରୟାସ ଜାରି ରହିଛି। ସପ୍ତାହ ପୂର୍ବରୁ ଶିଶୁ ମନ୍ଦିର ସମ୍ପାଦକ ଓ ଗ୍ରାମବାସୀ ବୈଠକ କରି ଉକ୍ତ ସ୍ଥାନରେ ଛାତ୍ରୀଛାତ୍ର ଓ ଯୁବକମାନଙ୍କ ଖେଳିବା ପାଇଁ ସ୍ଥିର କରାଯାଇଥିଲା। କିନ୍ତୁ ମଙ୍ଗଳବାର ରାତିରେ ପଡ଼ିଆରେ ପୋତାଯାଇଥିବା ଖୁଣ୍ଟକୁ ଓପାଡ଼ି ଫୋପାଡ଼ି ଦିଆଯାଇଥିବା ନେଇ ବୁଧବାର ଯୁବକମାନେ ସମ୍ପାଦକଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ସମ୍ପାଦକ ଓ ଶିଶୁ ମନ୍ଦିରର ଗୁରୁମା ଯୁବକମାନେ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ କରିବାରୁ ଗ୍ରାମବାସୀ ଏଥିରେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ଉକ୍ତ ଜାଗା ଜବରଦଖଲମୁକ୍ତ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଏ ନେଇ ପୋକତୁଙ୍ଗା ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ତାପସ କୁମାର ଦେହୁରୀ କହିଛନ୍ତି, ଜବରଦସ୍ତି ଉକ୍ତ ଜାଗାରେ ବିଦ୍ୟାଳୟ ଖୋଲାଯାଇ ନାହିଁ। ଦଶ ବର୍ଷ ପୂର୍ବରୁ ୫ଖଣ୍ଡ ଗ୍ରାମବାସୀ ବୈଠକରେ ନିଷ୍ପତ୍ତି ନେବା ପରେ ସେହି ଜାଗାରେ ବିଦ୍ୟାଳୟ ଗଢ଼ି ଉଠିଛି। ପୋକତୁଙ୍ଗା ଗ୍ରାମର ଗୋକୁଳାନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାମଲ, ଦାଶରଥି ବେହେରା, ବିବେକାନନ୍ଦ ସାହୁଙ୍କ ସମେତ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ସମର୍ଥନ କରି ଦସ୍ତଖତ କରିଛନ୍ତି ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି। ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ସିଂହ କହିଛନ୍ତି, ଘଟଣାସ୍ଥଳକୁ ରାଜସ୍ୱ ଅଧିକାରୀଙ୍କୁ ପଠାଇ ତଦନ୍ତ କରାଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଗ୍ରାମବାସୀ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଭାଜପାର ପ୍ରସ୍ତୁତି ବୈଠକ

ମାଧପୁର,୯।୧- ଅନୁଗୋଳ ଜିଲା ଭାଜପା ତରଫରୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସପକ୍ଷରେ ଆସନ୍ତା ୧୧ ତାରିଖରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ମାଧପୁର ହାଟଠାରେ ମାଧପୁର ମଣ୍ଡଳ ଭାଜପା ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବ୍ଲକ ସଭାପତି ଅଲେଖ ଭୋଇ ସଭାପତିତ୍ୱ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ବାମୁର ପୂର୍ବତନ ସରପଞ୍ଚ ଅଜିତ ପ୍ରଧାନ, ଭାଜପା ନେତା ଅଖିଳ ପ୍ରଧାନ ଯୋଗଦେଇ ରାଲିର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବମୋର୍ଚ୍ଚା ସମ୍ପାଦକ ମନୋଜ କୁମାର ପ୍ରଧାନ, ମଣ୍ଡଳ ସଭାପତି ଅମ୍ବିକା ଦେହୁରୀ, ସାଧାରଣ ସମ୍ପାଦକ ରମେଶ ପ୍ରଧାନ, ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି, ଅରବିନ୍ଦ ବେହେରା, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ବାସୁଦେବପୁର, ୯।୧(ଡି.ଏନ.ଏ.): ବାସୁଦେବପୁର ବ୍ଲକ କନ୍‌ଫରେନ୍ସ ହଲ ପରିସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କ ଉପରେ ଅତ୍ୟାଚାର ଓ ହିଂସାକୁ ବନ୍ଦ କରାଯିବା ସହ ଏ ଦିଗରେ ଅଧିକ ସଚେତନତା ସୃଷ୍ଟି ଆବଶ୍ୟକତା ରହିଛି ବୋଲି ସେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ସିଡିପିଓ ଜାନକୀ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଶିଶୁ ମଙ୍ଗଳ କମିଟି ସଦସ୍ୟ ସତ୍ୟସୁନ୍ଦର ପୁହାଣ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳ, ପ୍ରଶିକ୍ଷକ ଅନନ୍ତ ଗୋପାଳ ଦାସ ପ୍ରମୁଖ ଶିଶୁ ସୁରକ୍ଷା ଉପରେ ମତ ରଖିଥିଲେ। ବାହ୍ୟ କର୍ମୀ ଦମୟନ୍ତୀ ଦାସ ସ୍ୱାଗତ ବକ୍ତବ୍ୟ ଓ ମହେଶ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ବ୍ରାହ୍ମଣଗାଁ, ଗୁଆଗଡ଼ିଆ, ଜଗନ୍ନାଥପ୍ରସାଦ, ବିନାୟକପୁର ପଞ୍ଚାୟତର ସରପଞ୍ଚ ଓ ସେମାନଙ୍କ ପ୍ରତିନିଧି ଯୋଗ ଦେଇଥିଲେ।

■ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପ୍ରସ୍ତୁତି ବୈଠକ

# ସହର ଭିତରେ ଧୀରେ ଗଡ଼ିବ ଗାଡ଼ି

ଅନୁଗୋଳ ଅଫିସ, ୯।୧



ଆସନ୍ତା ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ସ୍ଲୋଗାନ 'ସୁରକ୍ଷିତ ରୁହନ୍ତୁ, ସୁଖୀ ରୁହନ୍ତୁ'କୁ ଦୃଷ୍ଟିରେ ରଖି ବ୍ୟାପକ ଜନସଚେତନତା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅନୁଗୋଳ ସହର ମଧ୍ୟରେ ଘଣ୍ଟାପ୍ରତି ୩୦ କିଲୋମିଟର ବେଗରେ ଭାରିଯାନ ଚଳାଚଳ କରିବା ନେଇ ବିଭିନ୍ନ ଛକ ସ୍ଥାନରେ ଚାଳକଙ୍କ ଅବଗତି ପାଇଁ ସତର୍କ ବାର୍ତ୍ତା ୩ ଦିନ ମଧ୍ୟରେ ପ୍ରଦର୍ଶିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ଏଥିସହ ଜିଲାପାଳ କହିଥିଲେ ଯେ, ଯେଉଁ ଗାଡ଼ି ଚାଳକ କେବେ ଦୁର୍ଘଟଣା ଘଟାଇ ନ ଥିବେ ଓ ନିଶା ଦ୍ରବ୍ୟ ସେବନ କରୁ ନ ଥିବେ ସେମାନଙ୍କୁ ରୋଲ ମଡେଲ ଭାବେ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ଅନୁଭୂତି ସମ୍ପର୍କରେ ଅନ୍ୟମାନଙ୍କୁ ପ୍ରେରିତ କରାଯିବ। ୧୧ ତାରିଖ ସକାଳ ୯ଟାରେ ଅନୁଗୋଳ ଷ୍ଟାଡିୟମରୁ ସଡ଼କ ସୁରକ୍ଷା ରଥ ବାହାରିବା ସହ ବସ୍ ମାଲିକ ସଂଘ ପକ୍ଷରୁ ମିନି ମାରାଥନ ସହର ପରିକ୍ରମା କରିବ। ଚଳିତ ବର୍ଷ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯିବ ବୋଲି ଜିଲାପାଳ କହିଥିଲେ। ସେହିପରି ଯାନବାହନ ଯାଞ୍ଚ କଡ଼ାକଡ଼ି ସହ ନିୟମିତ ଭାବେ ରାସ୍ତା ମରାମତି, ଜେବ୍ରା କ୍ରସିଂ ଚିହ୍ନ ଲଗାଇବା, ରାସ୍ତା ପାର୍ଶ୍ୱ ବୃକ୍ଷରେ ଧଳା ଚିହ୍ନ ଲଗାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଗାଡ଼ି ଚାଳକ ଓ ହେଲପରମାନଙ୍କ ଚକ୍ଷୁ ପରୀକ୍ଷା ଚଳିତ ମାସ ୧୨ ତାରିଖରେ ବସ୍ ମାଲିକ ସଂଘ ଓ ୧୭ ତାରିଖରେ ଟ୍ରକ୍ ମାଲିକ ସଂଘ ଗୃହରେ ଆୟୋଜନ କରାଯିବ। ଗାୟତ୍ରୀ କନଷ୍ଟ୍ରକଶନ୍ ଓ ସମ୍ବଲପୁର ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ଜରପଡ଼ାଠାରେ ୧୪ ତାରିଖରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ପ୍ରତ୍ୟେକ ବସ୍‌ରେ ରେଟ୍ ଚାଟ୍ ଯେପରି ବାଧ୍ୟତାମୂଳକ ଭାବେ ପ୍ରଦର୍ଶିତ ହେବ ସେଥିପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରନ୍ତଲେଇରୁ ଭୂଷଣ ପର୍ଯ୍ୟନ୍ତ ରାସ୍ତାରେ ଥିବା ଖାଲଖମା ନିୟମିତ ମରାମତି କରିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବସନ୍ତ କୁମାର ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ସମରେନ୍ଦ୍ର ପଟ୍ଟନାୟକ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଶତପଥୀ, ସାମାଜିକ କର୍ମୀ କଲ୍ୟାଣ କିଶୋର ମହାନ୍ତି, ଢେଙ୍କାନାଳ ଓ ସମ୍ବଲପୁର ଜାତୀୟ ରାଜପଥ ପ୍ରାଧିକରଣ କର୍ମକର୍ତ୍ତା ଏବଂ ଗାୟତ୍ରୀ କନଷ୍ଟ୍ରକଶନ୍‌ର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

## ଏମ୍‌ପିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଶିଶୁମନ୍ଦିର ଅତିରିକ୍ତ ଶ୍ରେଣୀ ଗୃହ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସହ ଅନ୍ୟମାନେ।

ପବିତ୍ରନଗର,୯।୧(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ପ୍ରଥମେ ହରିହରପୁର ଗ୍ରାମରେ ପହଞ୍ଚି ହରିଜନ ସାହି ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏହାପରେ ଶିବରାମପୁର ଗ୍ରାମରେ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଜିଲା ପରିଷଦ ସଦସ୍ୟ ବସନ୍ତ ମଞ୍ଜରୀ ପ୍ରଧାନ, ସମିତି ସଭ୍ୟ ସଞ୍ଜୀବ ପ୍ରଧାନ ଯୋଗ ଦେଇଥିଲେ। ପରେ ସୁନାଖଣିଠାରେ ମହିଳା ଗୋଷ୍ଠୀକେନ୍ଦ୍ର, ଏକଘରିଆ ନବୀନ ନଗରଠାରେ ଗୋଷ୍ଠୀକେନ୍ଦ୍ର ଗୃହ ଉଦ୍‌ଘାଟନ କରିଥିଲେ। ଶେଷରେ ସମଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅତିରିକ୍ତ ଶ୍ରେଣୀ ଗୃହକୁ ଏମ୍‌ପି ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏମ୍‌ପିଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ସାମଲ, ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ରାଉତ, ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ସୁନୀଲ ପ୍ରଧାନ, ବୁଦ୍ଧିମନ୍ତ ସାହୁ, ଶ୍ୟାମସୁନ୍ଦର ସାହୁ, ପ୍ରଦିପ ସାହୁ ପ୍ରମୁଖ ସାମିଲ ଥିଲେ।

## ସେମିଫାଇନାଲରେ ଏମ୍‌ସିସି ସମ୍ବଲପୁର




କୃତୀ ଖେଳାଳିଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ପବିତ୍ରନଗର,୯।୧(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ପବିତ୍ରନଗର କ୍ଲବ ପକ୍ଷରୁ ଚାଲିଥିବା ପବିତ୍ରନଗର କପ୍ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସ ଖେଳରେ ସମ୍ବଲପୁରର ଏମ୍‌ସିସି ଟିମ୍ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ରାମେଶ୍ୱର ସ୍ପୋର୍ଟିଂ ବ୍ୟାଟିଂ କରି ୧୬୮ ରନ କରିଥିଲା। ଜବାବରେ ସମ୍ବଲପୁର ଏମ୍‌ସିସି ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବିଜୟୀ ଟିମର ଅଭିଷେକ ଦେଓ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସଞ୍ଜୟ ନାଏକ, ଶିଶୁପାଳ ପ୍ରଧାନ ଖେଳ ପରିଚାଳନା କରିଥିଲେ। ସୁବାସ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ବସନ୍ତ ମଞ୍ଜରୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ଭାଜପା ନେତା ପ୍ରହ୍ଲାଦ ସାମଲ ଯୋଗ ଦେଇଥିଲେ। କ୍ଲବ ସଭାପତି ଶାନ୍ତନୁ ମଲ୍ଲିକ ସଭା ପରିଚାଳନା କରିଥିଲେ। ଲିଟୁ ସାହୁ, ତପନ ପ୍ରଧାନ, ରଘୁନାଥ ବିଶ୍ୱାଳ, ବିକୁନ ସାହୁ, ପ୍ରଶାନ୍ତ ସାହୁ ଓ କ୍ଲବ ସଦସ୍ୟ ସହଯୋଗ କରିଥିଲେ।

## ଟ୍ରେନ୍ ଲାଇନରୁ ମୃତଦେହ ଉଦ୍ଧାର

ଛେଣ୍ଡିପଦା,୯।୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ଥାନା ଅଞ୍ଚଳ ଦେଇ ଯାଇଥିବା ଅନୁଗୋଳ–ସମ୍ବଲପୁର ରେଳ ଲାଇନ ଭାଗୀରଥିପୁର ଗ୍ରାମ ନିକଟରୁ ଗୁରୁବାର ଛେଣ୍ଡିପଦା ଥାନା ନୂଆଗାଁ ଗ୍ରାମର ରଞ୍ଜିତ ସାହୁ(୨୩)ଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଉଦ୍ଧାର କରିଛି। ପୋଲିସ କହିଛି, ବୁଧବାର ଅପରାହ୍ନରେ ସମ୍ବଲପୁର–ରାଉରକେଲା ପାସେଞ୍ଜର ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଖବର ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। କେଉଁ ପରିସ୍ଥିତିରେ ଯୁବକ ଜଣକ ଆତ୍ମହତ୍ୟା କରିଥିଲେ ତାହାର ପ୍ରକୃତ କାରଣ ଜଣାପଡିନାହିଁ। ଏ ନେଇ ଜରପଡା ଥାନାରେ ନଂ.୧/୨୦ ଏକ ଅପମୃତ୍ୟୁ ମାମଲା ରୁଜୁ କରଛି। ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

## ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

ବଆଁରପାଳ,୯।୧(ଡି.ଏନ.ଏ.)

ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥର ବଆଁରପାଳ ଥାନା ସନ୍ତ୍ରୀ ଛକ ନିକଟରେ ଗୁରୁବାର ସକାଳେ ଏକ ହାଇୱା ଧକ୍କାରେ ବାଇକ୍ ଆରୋହୀ ପୁରୁଣାଗଡ଼ ଅଞ୍ଚଳର ମନୁ ବାରିକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ଉଭୟେ ଏକ ବାଇକ୍ (ନଂ.ଓଡି୧୯କ୍ୟୁ–୦୧୨୬) ଯୋଗେ ପୁରୁଣାଗଡ଼ରୁ ନୂଆହତା ଅଭିମୁଖେ ଯାଉଥିବାବେଳେ ପଛରୁ ଆସୁଥିବା ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମନୁଙ୍କ ମୃତ୍ୟୁ ଘଟିଥିଲା। ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।



ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଦୁର୍ଘଟଣା ପରେ ସ୍ଥାନୀୟଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ହମ୍ପସ ନିର୍ମାଣ ଦାବିରେ ୩ ଘଣ୍ଟା ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଖବରପାଇ ବଆଁରପାଳ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ପୋଲିସ ନଂ. ୭/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରାସ୍ତା ନିର୍ମାଣ ଭୂମିପୂଜା କଲେ ବିଧାୟକ

ବଇଣ୍ଡା,୯।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ନୂତନ ରାସ୍ତା ନିର୍ମାଣ ପାଇଁ ଗୁରୁବାର ଭୂମିପୂଜା କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ୧ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ଶିକ୍ଷକପଡ଼ାରୁ ଶିଶୁ ମନ୍ଦିର ୨ କି.ମି. ରାସ୍ତା, ଆନନ୍ଦମୁଣ୍ଡାଠାରୁ କୁଶବଣିଆ ୩ କି.ମି. ରାସ୍ତା ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ପାଇଁ ଭୂମିପୂଜା କରାଯାଇଛି। ଏଥିସହିତ ହାଟପଡ଼ିଆଠାରେ ନୁନୁକାପଶି ପଞ୍ଚାୟତର ନୂତନ ଦୋକାନ ଗୃହ ପାଇଁ ଭୂମିପୂଜା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ ଭୂମିପୂଜା କରିବା ସହ ଏହାଦ୍ୱାରା ଗମନାଗମନ କ୍ଷେତ୍ର ସୁଦୃଢ଼ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ଗ୍ରାମ ସଭାପତି ଚିନ୍ତାମଣି ପ୍ରଧାନ, ରମେଶ କୁମାର ଟିବ୍ରୁୱାଲା, ରମେଶ କୁମାର ବେହେରା, କୁମୁଦଚନ୍ଦ୍ର ପ୍ରଧାନ, ଅର୍ଜ୍ଜୁନ କୁମାର ସାହୁ, ଜେନାମଣି ପ୍ରଧାନ, ସୁରେଖା ବେହେରାଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



ନୂତନ ଦୋକାନ ଗୃହ ପାଇଁ ଭୂମିପୂଜନ ଉତ୍ସବରେ ବିଧାୟକଙ୍କ ସହ ଅନ୍ୟମାନେ।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

ବଇଣ୍ଡା,୯।୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଯୁକ୍ତ ତିନି କଲେଜରେ ଛାତ୍ରଙ୍କ ଆତ୍ମରକ୍ଷା କୌଶଳ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ପ୍ରତିମା ବାଘ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସରୋଜ କୁମାର ଦାସ, ସରୋଜ ପ୍ରଧାନ, ତରୁଣ ପ୍ରଧାନ, କଲ୍ୟାଣୀରୂପା ମିଶ୍ର ଯୋଗ ଦେଇଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବଇଣ୍ଡା କଲେଜର ଛାତ୍ରୀ ସ୍ମୃତିରାଣୀ ବିଶୋଇ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।



## ଟାଏକୋଣ୍ଡୋ ପ୍ରତିଯୋଗିତା: କୋଶଳାକୁ ୬ ପଦକ

ଛେଣ୍ଡିପଦା,୯।୧(ସ୍ୱ.ପ୍ର.)

ରାଉରକେଲା ଗୁରୁନାନକ ପବ୍ଲିକ ସ୍କୁଲ ପରିସରରେ ୨ ଦିନ ଧରି ଚାଲିଥିବା ୨ୟ ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଛେଣ୍ଡିପଦା ବ୍ଲକ କୋଶଳା ଏସ୍‌ଏମ୍‌ଏସ୍ ଏକାଡେମୀକୁ ମିଳିଛି ୬ ପଦକ। ଉକ୍ତ ଚାମ୍ପିୟନଶିପ୍‌ରେ କୋଶଳାର ସମୁଦାୟ ୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ୬ଟି ପଦକ ହାସଲ କରିଛନ୍ତି। ଏକାଡେମୀର ଗୁନପ୍ରୀତି ପ୍ରଧାନ, ଆୟୁଷ୍ମାନ ଅଙ୍କିତ ସାହୁ ସ୍ୱର୍ଣ୍ଣ ପଦକ, ଲୋକନାଥ ସାହୁ, ସୋହମ ଶ୍ରେୟାଂଶୁ ସାହୁ ରୌପ୍ୟ ପଦକ ପାଇଥିବା ବେଳେ କରିଶ୍ମା ରାଉଳ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏସ୍‌ଏମ୍‌ଏସ୍ ଏକାଡେମୀର ସାଧାରଣ ସମ୍ପାଦକ ତଥା କୋଚ ଅନିଲ ରାଉଳ, ସରୋଜ କୁମାର ନାୟକ, ରେଫରି ଶ୍ରୀଦେବୀ ପ୍ରଧାନ, ଚିନ୍ମୟ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଉକ୍ତ ଟିମ୍ ଅଂଶଗ୍ରହଣ କରିଥିଲା। ଉକ୍ତ ପ୍ରତଯୋଗିତାରେ କୋଶଳା ଗ୍ରାମର ଶ୍ରୀଦେବୀ ପ୍ରଧାନ ଓ ସରୋଜ କୁମାର ନାୟକଙ୍କୁ ଜାତୀୟସ୍ତରୀୟ ବ୍ଲାକ ବେଲଟ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏସ୍‌ଏମ୍‌ଏସ୍ ଏକାଡେମୀର ପ୍ରତିଯୋଗୀଙ୍କ ଏହି ସଫଳତାକୁ ନେଇ ଏକଡେମୀ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଛେଣ୍ଡିପଦା ବ୍ଲକର ବିଭିନ୍ନ ମହଲରୁ କୋଶଳା ଏସ୍‌ଏମ୍‌ଏସ୍ ଏକାଡେମୀକୁ ଶୁଭେଚ୍ଛା ଜଣାଯାଇଛି।




ସଫଳତା ପାଇଥିବା ପ୍ରତିଯୋଗୀମାନେ।

■ବିଭାଗରେ ରହୁନାହାନ୍ତି ପୌର କର୍ମଚାରୀ

# ଅଭିଯୋଗକାରୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ

ଅନୁଗୋଳ ଅଫିସ, ୯।୧



ଅନୁଗୋଳ ପୌରପାଳିକାକୁ ବିଭିନ୍ନ ଅଭିଯୋଗ ନେଇ ଆସୁଥିବା ସହରବାସୀ ଅନେକ ସମୟରେ ବିଭାଗୀୟ କର୍ମଚାରୀଙ୍କୁ ଅଫିସରେ ପାଉନାହାନ୍ତି। କାର୍ଯ୍ୟାଳୟ ଖୋଲାଥିଲେ ବି ବିଭିନ୍ନ ବିଭାଗର କେତେଜଣ କର୍ମଚାରୀ ତାଙ୍କ ଆସନରେ ଅଧିକାଂଶ ସମୟ ରହୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବିଶେଷକରି ଜନ୍ମ ମୃତ୍ୟୁ ବିଭାଗରେ ଏପରି ଅବ୍ୟବସ୍ଥା ଏବେ ଅସନ୍ତୋଷର କାରଣ ହୋଇଛି। ଏ ନେଇ ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, କର୍ମଚାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନୁଗୋଳ ପୌରପାଳିକାରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କରାଯାଇଛି। କେତେକ ବିଭାଗରେ ସିସିଟିଭି ମଧ୍ୟ ଲଗାଯାଇଛି। କିନ୍ତୁ କେତେଜଣ ପୌର କର୍ମଚାରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ସେମାନେ ଉପସ୍ଥାନ ପକାଇବା ପରେ ଅଧିକାଂଶ ସମୟ ଆସନରେ ରହୁନାହାନ୍ତି। ଏ ନେଇ ଅଭିଯୋଗ ନେଇ ଆସୁଥିବା ଜନସାଧାରଣ ପ୍ରଶ୍ନ କଲେ କେତେବେଳେ ସମ୍ପୃକ୍ତ କର୍ମଚାରୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଫାଇଲ ନେଇ ଯାଇଛନ୍ତି ତ ଆଉ କେତେବେଳେ ପିଡିଙ୍କ ପାଖକୁ ଯାଇଛନ୍ତି ବୋଲି ଅନ୍ୟ କର୍ମଚାରୀମାନେ କହୁଛନ୍ତି। ଜନ୍ମ ଓ ମୃତ୍ୟୁ ବିଭାଗକୁ ପଞ୍ଜୀକରଣ କରିବାକୁ ଆସୁଥିବା ଲୋକମାନେ ଅଧିକ ସମସ୍ୟାରେ ପଡୁଥିବା ଅଭିଯୋଗ ହେଉଛି। ସାଧାରଣ ଲୋକଙ୍କ ପାଇଁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିଭାଗ ଖୋଲା ରହୁଥିବାବେଳେ ଅପରାହ୍ନ ୨ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଆବେଦନ ଫର୍ମ ଗୁଡ଼ିକ କମ୍ପ୍ୟୁଟରରେ ଏଣ୍ଟ୍ରି ହେବା କଥା। କିନ୍ତୁ ଅପରାହ୍ନ ସାଢ଼େ ୪ଟା ହେଲେ ବିଭାଗରେ ତାଲା ଝୁଲୁଛି। କେବଳ ଏହି ଗୋଟିଏ ବିଭାଗ ନୁହେଁ ଅନ୍ୟ କେତେକ ବିଭାଗରେ ମଧ୍ୟ କିଛି କର୍ମଚାରୀ ନିୟମିତ ଭାବେ ଚେୟାରରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ଅପରାହ୍ନ ସାଢ଼େ ଗୋଟିଏରୁ ୨ଟା ମଧ୍ୟରେ ଖାଇବା ସମୟ ଥିଲେ ମଧ୍ୟ କର୍ମଚାରୀମାନେ ହଲି ଦୋହଲି ଅପରାହ୍ନ ୪ଟାରେ କାର୍ଯ୍ୟାଳୟକୁ ଆସୁଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି, ୪ଟି ବିଭାଗରେ ସିସିଟିଭି ଲଗାଯାଇଛି। ଲୋକମାନେ କରିଥିବା ଅଭିଯୋଗରେ ସତ୍ୟତା ରହିଛି। ଏ ନେଇ କର୍ମଚାରୀମାନଙ୍କୁ ତାଗିଦ୍ କରାଯାଇଛି। ଆସନ୍ତା ୧୫ ତାରିଖ ମଧ୍ୟରେ ସେମାନେ ନ ସୁଧୁରିଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ମହିଳା ସଂଗଠନର ଥାନା ଘେରାଉ

**କପ୍ତିପଦା,୯।୧(ଡି.ଏନ.ଏ):** ବିଭିନ୍ନ ଦାବି ନେଇ କପ୍ତିପଦା ବ୍ଲକ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବୁଧବାର କପ୍ତିପଦା ଥାନା ଘେରାଉ କରାଯାଇଥିଲା। ସ୍ଥାନୀୟ ଗାନ୍ଧୀଛକଠାରୁ ସଂଗଠନର ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନମାନ ଦେଇ ଥାନା ନିକଟରେ ପହଞ୍ଚିଥିଲେ। ଏଥିରେ ମହିଳା ସଂଘର ସମ୍ପାଦିକା ସସ୍ମିତା ପତି, ସମ୍ପାଦିକା ଆରତୀ ମହାକୁଡ, ଉପଦେଷ୍ଟା ମନମୋହନ ମିଶ୍ର ଏବଂ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ପ୍ରମୁଖ ଯୋଗଦେଇ ଧାରଣାରେ ବସିବା ସହିତ ଥାନା ସମ୍ମୁଖରେ ଏସ୍‌ଡିପିଓ ଏବଂ ପୂର୍ବତନ ଆଇଆଇସିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଦାବିଗୁଡିକ ମଧ୍ୟରେ ଚୋରା ମଦ ବିକ୍ରେତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଭୂମିହୀନମାନଙ୍କୁ ଜମିପଟ୍ଟା ପ୍ରଦାନ, କପ୍ତିପଦା ଡାକ୍ତରଖାନାକୁ ଆବଶ୍ୟକ ଡାକ୍ତର ଯୋଗାଇବା, ଅବହେଳିତ ଗ୍ରାମମାନଙ୍କୁ ବିଜୁଳି ଯୋଗାଣ,ଏମଜିଏନଆରଇଜିଏସ କାର୍ଯ୍ୟରେ ଠିକାଦାରି ବନ୍ଦ କରିବା ଉଲ୍ଲେଖ ରହିଛି।

### ରାଜ୍ୟସ୍ତରୀୟ ସିପକଟାକ୍ର ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୬ ଖେଳାଳି

**ବାରିପଦା ଅଫିସ, ୯।୧:** ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗର ସିପକଟାକ୍ର ପ୍ରତିଯୋଗିତା ୯ ତାରିଖରୁ ପୁରୀ ଜିଲା ଉଚ୍ଚ ବିଦ୍ୟାଳୟଠାରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାର ୩ ବାଳକ ବିଜୁ ବିନ୍ଧାଣୀ, ଲାଡେନ ସୋରେନ ଓ ପ୍ରଦୀପ ସିଂ ଏବଂ ୩ ଜଣ ବାଳିକା ହିସି ହେମ୍ବ୍ରମ, ପାନ ମୁର୍ମୁ ଓ ଅନା ମୁର୍ମୁ ଭାଗ ନେଇଛନ୍ତି। ବାଳକ ଟିମ୍ ମ୍ୟାନେଜର ଭାବେ ପିଇଟି ପ୍ରଦୀପ ଚୌଧୁରୀ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ପିଟିଆଇ ପ୍ରିୟଙ୍କା ଯୈଶ୍ୱାଲ ଖେଳାଳିମାନଙ୍କ ସହିତ ଯାଇଛନ୍ତି। ଏହି ପ୍ରତିଯୋଗୀଙ୍କୁ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଓ ଜିଲା ଶାରୀରିକ ନିରୀକ୍ଷକ ଭାଗୀରଥି ମଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ବାର୍ଷିକ କ୍ରୀଡ଼ା ଉତ୍ସବ

**ବଡ଼ସାହି,୯।୧(ସ୍ୱ.ପ୍ର.):** ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ସୁବାସ ଚନ୍ଦ୍ର ଦାସ କ୍ରୀଡ଼ା ମଶାଲ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ରମେଶ କୁମାର ବେହେରା ଓ ଖେଳ ଶିକ୍ଷକ ସତୀଶ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଦିନ ଧରି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ର ସୁରେନ୍ଦ୍ର ସିଂ, ଦିବାକର ସିଂ, ଛାତ୍ରୀ ବୁଧୁନି ସିଂ ଓ ସୀତା ସିଂ ଚାମ୍ପିୟନ ହୋଇଥିଲେ। କଲେଜର ଅଧାପକ ବିନୋଦ ପରିଡା, ଶୈଳେଶ ବେହେରା, ସୁବ୍ରତ ବିଶ୍ୱାଳ, ସଞ୍ଜୟ ଜେନା, ପାର୍ଥସାରଥି ବିଶ୍ୱାଳ ଓ ଜୀବନ ପଣ୍ଡିତ ଏବଂ ଅଧାପିକା ସ୍ୱର୍ଣ୍ଣପ୍ରଭା ରାଉତ ସହଯୋଗ କରିଥିଲେ।

## ■ଶିଶୁ ଉଦ୍ୟାନ ହେଲାଣି ନିଶାଡ଼ିଙ୍କ ଆଡ୍ଡା

# ଖୋଲାଖୋଲି ଚାଲିଛି ସିରପ୍ ନିଶା କାରବାର

**ଅନୁଗୋଳ ଅଫିସ, ୯।୧**



ପାର୍କରେ ପଡ଼ିଥିବା ସିରପ ବୋତଲ।

ଅନୁଗୋଳ ସହରରେ ସିରପ୍ ନିଶା କାରବାର ବେଶ୍ ବଢ଼ିଯାଇଛି। ସହରରେ ଥିବା ବିଭିନ୍ନ ପାର୍କରେ ଦୈନିକ ପୁଳା ପୁଳା ସିରପ୍ ବୋତଲ ପଡୁଥିବା ଦେଖିବାକୁ ମିଳୁଛି। ଶସ୍ତା ହେଉଥିବାରୁ ବିଶେଷକରି ଯୁବ ପିଢ଼ି ଏହି ନିଶା ଜାଲରେ ପଡୁଥିବା ଚର୍ଚ୍ଚା ହେଉଛି। କିନ୍ତୁ ଏ ନେଇ ଅନୁଗୋଳ ପୋଲିସ ନିକଟରେ କୌଣସି ସୂଚନା ନ ଥିବାରୁ ପାର୍କକୁ ଯାଉଥିବା ବରିଷ୍ଠ ନାଗରିକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଅନୁଗୋଳ ସହର ଅମଲାପଡ଼ାରେ ଥିବା ଶିଶୁ ଉଦ୍ୟାନ ଏବେ ଏପରି ନିଶାଡ଼ିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଥିବା ଅଭିଯୋଗ ହେଉଛି। ସକାଳୁ ଏହି ପାର୍କକୁ ଯାଉଥିବା ଲୋକମାନେ ଏତେତେଣେ ସିରପ୍ ବୋତଲ ପଡ଼ିଥିବା ଦେଖିବାକୁ ପାଉଛନ୍ତି। କିନ୍ତୁ କାହା ପାଖରେ ଅଭିଯୋଗ କରିବେ ତାହା ସେମାନେ ଜାଣିପାରୁନାହାନ୍ତି। କେବଳ ଏହି ଗୋଟିଏ ପାର୍କ ନୁହେଁ ସହରରେ ଥିବା ଅନ୍ୟ ପାର୍କଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା। ହେଲେ ଏ ନେଇ ପୌର କର୍ତ୍ତୃପକ୍ଷଙ୍କ ନିକଟରେ ସୂଚନା ନ ଥିବାବେଳେ ପୋଲିସ ମଧ୍ୟ ବେଫିକର। ସେହିପରି ଅମଲାପଡ଼ା ଦୁର୍ଗାମନ୍ଦିର ନିକଟରେ ଥିବା ଶିଶୁ ଉଦ୍ୟାନରୁ ଏପରି ସିରପ୍ ବୋତଲ ପୁଳା ପୁଳା ବାହାରୁ ଥିବା ଅଭିଯୋଗ ହେଉଛି। ଏ ନେଇ ସ୍ଥାନୀୟ ଲୋକେ ସିଧାସଳଖ ପୋଲିସ ଉପରକୁ ଅଙ୍ଗୁଳି ଉଠାଉଛନ୍ତି। ଅଣ୍ଡା ପଡ଼ିଯାଇଥିବା ଅନୁଗୋଳ ପୋଲିସ କେବେ ଚେତିବ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି। ଗତବର୍ଷ ଶେଷ ଆଡ଼କୁ ଅନୁଗୋଳ ପୋଲିସ ଦୁଇଟି ଔଷଧ ଦୋକାନରେ ଚଢ଼ାଉ କରି ଏପରି ବେଆଇନ୍ ଭାବେ କପ୍ ସିରପ୍ ବିକ୍ରି କରୁଥିବା ଦୋକାନକୁ ସିଲ୍ କରିଥିଲା। ଦୋକାନୀଙ୍କୁ ମଧ୍ୟ ଗିରଫ କରିଥିଲା। କିନ୍ତୁ ପରେ କାର୍ଯ୍ୟାନୁଷ୍ଠାନ ଠପ୍ ହୋଇଯାଇଥିବାରୁ ପୁଣି କେତେକ ଦୋକାନୀ ଖୋଲାଖୋଲି ଏପରି ନିଶା ସାମଗ୍ରୀ ବିକ୍ରି କରୁଥିବା ସହରବାସୀ କହିଛନ୍ତି। ଏପରି କି କିଛି ପାର୍କରେ ବ୍ରାଉନସୁଗାର କାରବାର ଚାଲୁଥିବା ମଧ୍ୟ ସେମାନେ କହିଛନ୍ତି। ଏ ନେଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ପାର୍କରେ ନିଶା କାରବାର କରୁଥିବା ଯୁବକଙ୍କୁ ଖୁବ୍‌ଶୀଘ୍ର କାବୁ କରାଯିବ। ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ପାର୍କରେ ଚଢ଼ାଉ କରାଯିବ। ସେ ନିଜେ ଏହାର ନେତୃତ୍ୱ ନେବେ ବୋଲି ଥାନା ଅଧିକାରୀ କହିଛନ୍ତି।

## ରୁପେଲି ପରଦାରେ ମନୀଷା

**ବାରିପଦା ଅଫିସ,୯।୧**

ବାରିପଦା ସହର ଭଞ୍ଜପୁରର ଅବୋଧ ଧରମହାପାତ୍ର ଓ ପାରୁଲ ଧରମହାପାତ୍ରଙ୍କ ଏକ ମାତ୍ର କନ୍ୟା ମନୀଷା ରୁପେଲି ପରଦାରେ ପାଦ ଥାପିଛନ୍ତି। ଅଭିନେତା ପପୁ ପମ୍‌ପମ୍‌ଙ୍କ ଅଭିନୀତ ନୂଆ ଓଡ଼ିଆ ଫିଲ୍ମ ଗାଁର ନାଁ ଗାଲୁଆପୁରରେ ନାୟିକା ଭାବେ ମନୀଷା ଅଭିନୟ କରିବେ। ଏହି ଚରିତ୍ରକୁ ନେଇ ମନୀଷା ବହୁତ ଖୁସିଥିବା କହିଛନ୍ତି। ସେ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଏଡ-ଏମଏଡ ପଢୁଛନ୍ତି। ପିଲାଟି ଦିନରୁ ନୃତ୍ୟ ଓ ଅଭିନୟ ପ୍ରତି ରୁଚି ରଖିଥିବା ମନୀଷା ଏକ ଘରୋଇ ଟିଭି ଚ୍ୟାନେଲର ଡ୍ୟାନ୍ସ ରିୟଲିଟି ଶୋରେ ସେମିଫାଇନାଲିଷ୍ଟ ହୋଇଥିଲେ। ଏହା ସହିତ ବଡ଼ ବଡ଼ ଷ୍ଟେଜ ଶୋରେ ନୃତ୍ୟ ଓ ଅଭିନୟର ଯାଦୁ ଦେଖାଇଛନ୍ତି ମନୀଷା। ବାରିପଦାରୁ ଓଡ଼ିଆ ସିନେ ଜଗତରେ ବହୁ ଅଭିନେତ୍ରୀ-ଅଭିନେତା ଥିବା ବେଳେ ମନୀଷାଙ୍କୁ ତାଙ୍କୁ ଏହି ନୂଆ ଫିଲ୍ମ ପାଇଁ ତାଙ୍କ ସହପାଠୀ ଓ ସିନେପ୍ରେମୀ ମାନେ ଶୁଭେଚ୍ଛା ଜଣାଇଛନ୍ତି।

## ■୧୧ରେ ଭାଜପା ପକ୍ଷରୁ ଅନୁଗୋଳରେ ଶୋଭାଯାତ୍ରା

# ସିଏଏ ସମ୍ପର୍କରେ କରାଯିବ ସଚେତନ



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

**ଅନୁଗୋଳ ଅଫିସ, ୯।୧**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ବିଧାନର ଧାରା ୧୪କୁ ଉଲ୍ଲଂଘନ କରୁନାହିଁ ବୋଲି ଅନୁଗୋଳର ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ କହିଛନ୍ତି। ଏଥିସହ ଅନୁଗୋଳ ଜିଲା ସଦର ମହକୁମାରେ ଆସନ୍ତା ୧୧ ତାରିଖରେ ଏକ ଜନସଚେତନତା ରାଲି ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସାମଲ କହିଛନ୍ତି ଯେ, ସିଏଏକୁ ନେଇ ଉକ୍ତ ସଚେତନତା ଶୋଭାଯାତ୍ରା କରାଯିବ। ଏଥିରେ ଭାଜପାର ରାଜ୍ୟ ଉପସଭାପତି ସମୀର ରଞ୍ଜନ ମହାନ୍ତି ଓ ପୂର୍ବତନ ମନ୍ତ୍ରୀ ସମୀର ଦେ ଯୋଗଦେବେ। ସେମାନଙ୍କ ବ୍ୟତୀତ କ୍ରୀଡ଼ାବିତ୍, କଳାକାର, ନାଟ୍ୟକାର, ସାହିତ୍ୟିକ ମଧ୍ୟ ସିଏଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ। ପ୍ରଥମେ ସଦର ମହାକୁମାରେ ଏହି ଶୋଭାଯାତ୍ରା କରାଯିବା ପରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ କରାଯିବ। ପରେ ପ୍ରତି ନିର୍ବାଚନମଣ୍ଡଳୀରେ ୧୦ ହଜାର ଲୋକଙ୍କୁ ସିଏଏ ସମ୍ପର୍କରେ ସଚେତନ କରାଯିବ। ଜିଲା ଭାଜପା ସଭାପତି ଦୀଲେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଜନସାଧାରଣମାନେ ଯୋଗଦେବେ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ଜବରଦଖଲକୁ ଉଚ୍ଛେଦ କଲେ ତହସିଲଦାର



ଜେସିବି ଲଗାଇ ପ୍ରଶାସନ ଉଚ୍ଛେଦ କରୁଛି।

**ଛେଣ୍ଡିପଦା,୯।୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତ ବରମଳିହାସାହିର ଜନସାଧାରଙ୍କ ଯାତାୟାତ ପାଇଁ ଥିବା ରାସ୍ତାକୁ ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଥିଲା। ଗୁରୁବାର ଉକ୍ତ ସରକାରୀ ଜବରଦଖଲକୁ ଛେଣ୍ଡିପଦା ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି।

ଘଟଣାରୁ ପ୍ରକାଶ, ବରମଳିହାସାହିର ଜନସାଧାରଣଙ୍କ ଦୈନନ୍ଦିନ ଯାତାୟାତ ରାସ୍ତାକୁ ୬ ମାସ ହେବ କେତେଜଣ ବ୍ୟକ୍ତି ଜବରଦଖଲ କରିଥିଲେ। ଏ ନେଇ ଶତାଧିକ ବସ୍ତି ବାସିନ୍ଦା ତହସିଲ ଓ ଥାନାରେ ଜୁଲାଇ ୧୮ରେ ଲିଖିତ ଅଭିଯୋଗ କରିଥିଲେ। ପରେ ତହସିଲଦାର ଡାନିଏଲ ଏକ୍କା ଜବରଦଖଲକାରୀଙ୍କ ସହିତ ଆଲୋଚନା କରି ସରକାରୀ ଜମିକୁ ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜବରଦଖଲକାରୀ ନିର୍ଦ୍ଦେଶ ଅବମାନନା କରିବା ସହିତ ଉକ୍ତ ଜମିକୁ ଛାଡିବାକୁ ରାଜି ହୋଇ ନ ଥିଲେ। ଏ ନେଇ ତହସିଲ ପକ୍ଷରୁ ଜବରଦଖଲକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହିତ ଗୁରୁବାର ତହସିଲଦାର ଓ ଛେଣ୍ଡିପଦା ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କ ଉପସ୍ଥିତିରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା।

## ଆନ୍ଦୋଳନକାରୀ ମହିଳାଙ୍କୁ ଉଠାଇ ଆଣିଲା ପୋଲିସ

# ଥାନା ଘେରିଲେ ଗ୍ରାମବାସୀ

**କଣିହାଁ,୯।୧(ଡି.ଏନ.ଏ.)**

କଣିହାଁ ବ୍ଲକ ସାରଥିପାଳ ଗ୍ରାମର ଆନ୍ଦୋଳନରତ ମହିଳାମାନଙ୍କୁ ଗୁରୁବାର ଏନ୍‌ଟିପିସି ଟାଉନ ଥାନା ପୋଲିସ ଥାନକୁ ଉଠାଇ ଆଣିଥିଲା। ଏଥିଯୋଗୁ ଗୁଞ୍ଜରୀ ପ୍ରଧାନ ଓ କନକ ଲତା ପ୍ରଧାନ ଆହାତ ହୋଇଥିଲେ। ଏହାକୁ ନେଇ ସାରଥିପାଳ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ସନ୍ଧ୍ୟାରେ ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

ଆନ୍ଦୋଳନକାରୀ କହିଛନ୍ତି, ଗ୍ରାମ ଜଙ୍ଗଲ କାଟି ଏକ କମ୍ପାନୀକୁ ପାଣି ପାଇପ ଲାଇନ ଯାଇଛି। ୨୦୧୨ରେ ପାଇପ ଯିବାବେଳେ ଗ୍ରାମବାସୀଙ୍କୁ ନାନା ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଗୁରୁବାର ଗ୍ରାମ ସଭାପତି କାଳନ୍ଦି ପ୍ରଧାନଙ୍କ ନେତୃତ୍ୱରେ ପାଇପର ମରାମତି କାର୍ଯ୍ୟକୁ ବିରୋଧ କରାଯାଇଥିଲା। ଏହାକୁ ନେଇ ଆନ୍ଦୋଳନ କରିଥିବା ମହିଳାମାନଙ୍କୁ ପୋଲିସ ଉଠାଇ ଆଣିଥିଲା। ଥାନାରେ ଅଭିଯୋଗ କେହି ଗ୍ରହଣ ନ କରିବାରୁ ଥାନା ଘେରାଉ କରାଯାଇଛି। ଆଇଆଇସି ଦୀପିକା ଦେବୀରାୟ କହିଛନ୍ତି, ଘଟଣା ଘଟିଥିଲା। କାହାରିକୁ ଅସମ୍ମାନ କରାଯାଇନାହିଁ। ଗ୍ରାମ ସମସ୍ୟା ଓ ଦାବିପୂରଣ ନେଇ ଆଲୋଚନା ବୈଠକ ହେବ। ଥାନାକୁ ଅଣାଯାଇଥିବା ମହିଳାପୁରୁଷଙ୍କୁ ଛାଡି ଦିଆଯାଇଛି।

## ■କେନ୍ଦ୍ରୀୟ ଅଧିକାରୀଙ୍କ ରାମବେରଣୀ ଗ୍ରାମ ପରିଦର୍ଶନ

# ସ୍ୱାସ୍ଥ୍ୟକାର୍ଡର ଉପଯୋଗିତା ସମ୍ବନ୍ଧରେ ଆଲୋଚନା



ଗ୍ରାମବାସୀଙ୍କ ସହ ଭାରତୀୟ ମୃତ୍ତିକା ଓ ଭୂମି ସର୍ବେକ୍ଷଣ ସଂସ୍ଥା ହାଇଦ୍ରାବାଦର ଅଧିକାରୀ।

**ବନ୍ତଳା, ୯।୧ (ଡି.ଏନ.ଏ.)**

ଭାରତୀୟ ମୃତ୍ତିକା ଓ ଭୂମି ସର୍ବେକ୍ଷଣ ସଂସ୍ଥା ହାଇଦ୍ରାବାଦର ଡକ୍ଟର ସନ୍ଦୀପ ତ୍ରିପାଠୀ ତୃଣମୂଳସ୍ତରରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଉପଯୋଗିତା ସମ୍ବନ୍ଧୀୟ ସମୀକ୍ଷା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁଗୋଳ ବ୍ଲକ କୁମୁରିସିଂହା ପଞ୍ଚାୟତ ରାମବେରଣୀ ଗ୍ରାମ ଗୁରୁବାର ଗସ୍ତ କରିଥିଲେ। ଏହି ଗ୍ରାମକୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନାରେ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରାଯାଇଛି। ଏହି ଅବସରରେ ଡ. ତ୍ରିପାଠୀ ଚାଷୀମାନଙ୍କୁ ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ଉପଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଯୋଜନାର ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ଭୋଳାଶଙ୍କର ବେହେରା, ରାଜ୍ୟ ମୃତ୍ତିକା ପରୀକ୍ଷାଗାର ଭୁବନେଶ୍ୱରର ସହକାରୀ କୃଷି ଅଧିକାରୀ ଶରତ ଚନ୍ଦ୍ର ଦାସ, ମୃତ୍ତିକା ରସାୟନବିତ ଅନୁଗୋଳର ହେମନ୍ତ କୁମାର ପଡ଼ିଆରୀ, ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ସହକାରୀ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ, ଅନୁଗୋଳ ବ୍ଲକର ସହକାରୀ କୃଷି ଅଧିକାରୀ ଦିଲୀପ କୁମାର ସାହୁ ଓ ଗ୍ରାମ୍ୟ କୃଷି କର୍ମଚାରୀ ଜୟପ୍ରକାଶ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ୩୦ରୁ ଊର୍ଦ୍ଧ୍ୱ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ସ୍କୁଲର ଉନ୍ନତି ପାଇଁ ଆଲୋଚନା

**ବଅଁରପାଳ,୯।୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ କୁଲାଡ଼ ଆଲୁମିନିୟମ ହାଇସ୍କୁଲର ୨୦୦୦ ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବୈଠକ ନାଲ୍‌କୋ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କିଭଳି ହେବ ସେ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ମୋ ସ୍କୁଲ ଅଭିଯାନରେ କିପରି ଅଧିକ ପାଣ୍ଠି ସଂଗ୍ରହ ହୋଇପାରିବ ଏବଂ ସ୍କୁଲର ବିକାଶମୂଳକ କାର୍ଯ୍ୟ ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଅତିଥି ଭାବେ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ, ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ, ମନମୋହନ ପଣ୍ଡା, ଜଗନ୍ନାଥ ପ୍ରସାଦ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ପ୍ରକାଶ କୁମାର ବେହେରା, ସତ୍ୟବାନ ଧୀର, ଦୀପକ କୁମାର, ନମିତା, ମାମୁନି, ବିପ୍ଳବ, ମହେନ୍ଦ୍ର କୁମାର ପ୍ରମୁଖ ପରିଚାଳନା କରିଥିଲେ। ଶତାଧିକ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର।

# ସାଧାରଣତନ୍ତ୍ର ଦିବସ ନିମନ୍ତେ ପ୍ରସ୍ତୁତି

**ତାଳଚେର, ୯।୧(ନି.ପ୍ର.)**



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ତାଳଚେରରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଜାନୁଆରୀ ୨୫ ସକାଳ ୮ଟାରେ ଏକ ଗଣଦୌଡ ତାଳଚେର ଷ୍ଟାଡିୟମଠାରୁ ଆରମ୍ଭ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶେଷ ହେବାକୁ ନିଷ୍ପତ୍ତି ହୋଇଥିଲା। ୧୩ ଜାନୁୟାରୀ ପୂର୍ବାହ୍ନ ୧୧ଟାରେ ଚିତ୍ରାଙ୍କନ, ୧୨ଟା ୩୦ରେ ଦେଶାତ୍ମବୋଧ ସଙ୍ଗୀତ, ଜାନୁୟାରୀ ୨୦ରେ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଯୁବରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଜାନୁୟାରୀ ୨୧ପୂର୍ବାହ୍ନ ୧୧ଟାରେ ପ୍ରଜାମଣ୍ଡଳ ଭବନ ଠାରେ ରଙ୍ଗୋଲି ପ୍ରତିଯୋଗିତା ହେବ। ଜାନୁୟାରୀ ୨୨ ଏବଂ ୨୪ ସକାଳ ୮ଟାରେ ତାଳଚେର ଷ୍ଟାଡିୟମ୍‌ଠାରେ ଅଭ୍ୟାସ ପରେଡ ଅନୁଷ୍ଠିତ ହେବ। ଏହି ଉତ୍ସବକୁ ସରସ ସୁନ୍ଦର କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସବ୍ ଜେଲ୍‌ର କଏଦୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ଏବଂ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ସିଦ୍ଧାର୍ଥ କାଟାରିଆ, ତହସିଲଦାର ଗୌରୀ ନାଏକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଉପଖଣ୍ଡ କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପେସ୍କାର ଗଡନାୟକ, ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ କୁମାର ମୁଣ୍ଡ, ଏନ୍‌ସିସି. ଅଧିକାରୀ ସୁବ୍ରତ ଦାସ, ସଦାନନ୍ଦ ପଣ୍ଡା, ବାଉରୀବନ୍ଧୁ ବେଜ, କ୍ଷୀରୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡ଼ା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର, ଜାନୁୟାରୀ ୧୦ /୨୦୨୦, Dhenkanal, January, Friday 10 / 2020

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏପିଆଇର ଦାବିପତ୍ର

**ଢେଙ୍କାନାଳ ଅଫିସ, ୯।୧:** ଏନ୍ଆରସି, ଏନ୍ପିଆର, ସିଏଏକୁ ବିରୋଧ କରି ଗୁରୁବାର ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆ (ଏପିଆଇ) ପକ୍ଷରୁ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନାଗରିକତ୍ୱ ପଞ୍ଜୀକରଣ ଆଇନକୁ ନେଇ ଦେଶରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ଏକ ନିର୍ଦ୍ଦିଷ୍ଟ ବିଚାରଧାରାକୁ ଶାସନ ବ୍ୟବସ୍ଥାରେ ଲଦିଦେବାକୁ ଚାହୁଁଛନ୍ତି। ସିଏଏ ଭାରତୀୟ ସମ୍ବିଧାନର ଧାରା ୧୪, ୧୫, ୧୯ ଓ ୨୧କୁ ଉଲ୍ଲଂଘନ କରୁଛି। ଭୁଲ ଜିଏସ୍ଟି, ଆର୍ଥିକ ନୀତି ଏବଂ ନୋଟବନ୍ଦୀ ଯୋଗୁ ଦେଶର ଜିଡିପି ନିମ୍ନଗାମୀ ହୋଇଛି। ଏପିଆଇର ରାଷ୍ଟ୍ରୀୟ ଅଧକ୍ଷ ଧିମାନ ବିଜୟମାଙ୍କର ଓବିସି ବର୍ଗର ଜନଗଣନା କରି ସାମାଜିକ, ଆର୍ଥିକ ଏବଂ ଶିକ୍ଷାଗତ ସୂଚକାଙ୍କ ପ୍ରସ୍ତୁତ କରିବାକୁ ଗୃହ ମନ୍ତ୍ରଣାଳୟକୁ ପିଟିଶନ କରିଛନ୍ତି। ଏନ୍ଆରସି, ଏନ୍ପିଆର, ସିଏଏ ଭଳି ବିଭେଦକାରୀ ଆଇନ ଲାଗୁ ନ କରିବାକୁ ଅଧକ୍ଷ ପିଟିଶନ ଦାଖଲ କରିଥିବା ନେତୃବୃନ୍ଦ ଉଦ୍ବୋଧନରେ କହିଥିଲେ। ଏହାପରେ ଜିଲା କାର୍ଯ୍ୟକର୍ତ୍ତା ରମେଶ ମେହେର, ରାଜ୍ୟ ଯୁଗ୍ମ ସମ୍ପାଦକ ଲମ୍ବୋଦର ନାୟକଙ୍କ ସମେତ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ଦେଇଥିଲେ।

■କଙ୍କଡ଼ାହାଡ଼ ପୋଲିସ ବିରୋଧରେ ସଙ୍ଗିନ୍ ଅଭିଯୋଗ

# ଯୁବକଙ୍କୁ ଉଲଗ୍ନ କରି ନିସ୍ଠୁକ ମାଡ଼

**ଢେଙ୍କାନାଳ ଅଫିସ, ୯।୧**

ଆକ୍ରମଣର ଶିକାର ହୋଇଥିବା ଜଣେ ମହିଳାଙ୍କ ଏତଲା ନ ରଖିବା ଏବଂ ଏହାର ପ୍ରତିବାଦ କରିବାରୁ ଜଣେ ଯୁବକଙ୍କୁ ହାଜତରେ ଉଲଗ୍ନ କରି ନିସ୍ଠୁକ ମାଡ଼ ମରାଯାଇଥିବା ଭଳି ସଙ୍ଗିନ୍ ଅଭିଯୋଗ ଆସିଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ପୋଲିସ ବିରୋଧରେ। ପୀଡ଼ିତା ମହିଳା, ତାଙ୍କ ସ୍ୱାମୀ ଏବଂ ନିର୍ଯାତନାର ଶିକାର ହୋଇଥିବା ଯୁବକ ଏ ନେଇ ଏସ୍ପି ଅନୁପମା ଜେମ୍ସଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅନ୍ୟପଟେ ତଦନ୍ତ ପରେ ଅଭିଯୋଗ ସାବ୍ୟସ୍ତ ହେଲେ ଅଭିଯୁକ୍ତ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି କହିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୧୯ ଡିସେମ୍ବର ୧୩ରେ କଙ୍କଡ଼ାହାଡ଼ ଥାନା ଶଶାପଶି ଗ୍ରାମରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରୁଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇଥିବା ପଡ଼ୋଶୀ ବବିତା କବି ମଧ ମହିଳାଙ୍କ ସ୍ୱାମୀଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।।



ନ୍ୟାୟ ପାଇଁ ଏସ୍ପିଙ୍କ ଦ୍ୱାରସ୍ଥ ହୋଇଥିବା ଅଭିଯୋଗକାରୀଙ୍କ ସମେତ ଅନ୍ୟମାନେ।

ଏ ନେଇ ବବିତାଙ୍କ ସ୍ୱାମୀ ଜୟରାମ କବି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏହାର ତଦନ୍ତ କରାଗଲା ନାହିଁ କି ମାମଲା ମଧ ରୁଜୁ ହେଲାନି। ଘଟଣାର ୩ ସପ୍ତାହ ପରେ ବି ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଅଭିଯୋଗକାରୀ ଜୟରାମ ଗ୍ରାମର ଜ୍ଞାନରଞ୍ଜନ ବେହେରା ଏବଂ ଅନ୍ୟ ଜଣଙ୍କୁ ନେଇ ଗତ ଜାନୁୟାରୀ ୭ ସନ୍ଧ୍ୟା ୬ଟାରେ ଥାନାରେ ମାମଲା ରୁଜୁ ହୋଇଛି କି ନାହିଁ ସେ ସମ୍ପର୍କରେ ବୁଝିବାକୁ ଯାଇଥିଲେ। ଏଥିରେ ଉତ୍ତେଜିତ ହୋଇ ଥାନାଧିକାରୀ ଜ୍ଞାନରଞ୍ଜନଙ୍କୁ ଉଲଗ୍ନ କରି ନିସ୍ଠୁକ ମାଡ଼ମାରିବା ସହ ହାଜତ ଭିତରେ ପୂରାଇ ନିର୍ଯାତନା ଦେଇଥିଲେ। ଜ୍ଞାନରଞ୍ଜନଙ୍କ ସହଯୋଗୀ ମୋବାଇଲରେ ଘଟଣାର ରେକର୍ଡିଂ କରୁଥିବା ଦେଖି ଥାନାଧିକାରୀ ଫୋନ୍ ଛଡ଼ାଇ ନେଇଥିଲେ। ହେଲେ ଅଞ୍ଚଳର ଜଣେ ଜନପ୍ରତିନିଧିଙ୍କ ଚାପରେ ରାତି ୧୧ଟା ଜ୍ଞାନରଞ୍ଜନଙ୍କୁ ଛାଡ଼ିଦେଇଥିଲେ। ଜ୍ଞାନରଞ୍ଜନ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ଏହାପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଏକ ଘରୋଇ ଚିକିତ୍ସାଳୟରେ ନିଜର ବ୍ରେନ୍ ସ୍କାନ୍ କରାଇଥିଲେ। ଉଭୟ ଘଟଣାରେ ନ୍ୟାୟ ପାଇବା ପାଇଁ ଜୟରାମ ସ୍ତ୍ରୀ ବବିତା ଏବଂ ଜ୍ଞାନରଞ୍ଜନଙ୍କ ସହ ଗୁରୁବାର ଅପରାହ୍ନ ସାଢ଼େ ୩ଟାରେ ଏସ୍ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ସମୟରେ ବିଭାଗୀୟ ବୈଠକ ଚାଲିଥିବା ବେଳେ ସେଠାରେ କଙ୍କଡ଼ାହାଡ଼ ଥାନାଧିକାରୀ ଉପସ୍ଥିତ ଥିଲେ। ଏ ନେଇ ଏସ୍ପି ତାଙ୍କୁ ଡାକି ପଚାରି ବୁଝିଥିଲେ। ହେଲେ ଥାନାଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବା ଅଭିଯୋଗକାରୀମାନେ କହିଛନ୍ତି।

■ଆକ୍ରମଣର ଶିକାର ମହିଳାଙ୍କ ଏତଲା ରଖିଲେନି

■ତଦନ୍ତରେ ସାବ୍ୟସ୍ତ ହେଲେ କାର୍ଯ୍ୟାନୁଷ୍ଠାନ: ଏସ୍ପି

ଏ ନେଇ ଏସ୍ପି କୁହନ୍ତି, ମହିଳାଙ୍କୁ ଆକ୍ରମଣ ଘଟଣାର ତୁରନ୍ତ ମାମଲା ରୁଜୁ କରିବା ପାଇଁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ଅଭିଯୋଗର ତଦନ୍ତ କରାଯିବ। ତଦନ୍ତରେ ଥାନାଧିକାରୀ ଦୋଷୀ ସାବ୍ୟସ୍ତ ହେଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ନକଲି ମଦ ଲେବୁଲିଂ ଆଡ୍ଡା ଉପରେ ଚଢ଼ାଉ

# ୧୮୬ ବୋତଲ ଜବତ, ୨ ଗିରଫ



ଜବତ ମଦ ଏବଂ ଲେବୁଲିଂ ଷ୍ଟିକର।

**ଢେଙ୍କାନାଳ ଅଫିସ, ୯।୧**

ବାହାରୁ ଆସୁଥିଲା ଖାଲି ବୋତଲ। ଜଙ୍ଗଲରେ ଲଗାଯାଉଥିଲା ନକଲି ଲେବଲ। ଏହାପରେ ସେଥିରେ ଭର୍ତ୍ତି କରାଯାଉଥିଲା ନକଲି ମଦ। ଏହାକୁ ଯୋଜନାବଦ୍ଧ ଭାବେ ଛଡ଼ାଯାଉଥିଲା ବଜାରକୁ। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅଧୀନ ହାଟସାହି ଜଙ୍ଗଲ ନିକଟରୁ ବୁଧବାର ଅପରାହ୍ନ ୫ଟାରେ ଏପରି ଏକ ନକଲି ମଦ ଲେବୁଲିଂ ଆଡ୍ଡା ଠାବ କରିଛି ଅବକାରୀ ମୋବାଇଲ ସ୍କ୍ୱାଡ୍। ଘଟଣାସ୍ଥଳରୁ ୧୮୬ ବୋତଲ ନକଲି ବିଦେଶୀ ମଦ ଜବତ କରାଯାଇଛି। ଯେଉଁଥିରେ ୩୩.୪୮୦ ଲିଟର ମଦ ରହିଥିଲା। ଏଥିସହ ୧,୯୨୫ଟି ନକଲି ଲେବଲିଂ ଷ୍ଟିକର ମଧ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ହାଟସାହି ଅଞ୍ଚଳର ଲକ୍ଷ୍ମୀଧର ପାତ୍ର (୨୮) ଏବଂ ପ୍ରକାଶ ପାତ୍ର (୨୮) ଗିରଫ ହୋଇଛନ୍ତି। ଜଙ୍ଗଲ ଇଲାକାରେ ଏପରି ବେଆଇନ କାରବାର ଚାଲିଥିବାବେଳେ କୌଣସି ସୂତ୍ରରୁ ସୂଚନା ପାଇ ଜିଲା ଅବକାରୀ ଅଧୀକ୍ଷକ ମନୋଜ ସେଠୀଙ୍କ ନିର୍ଦ୍ଦେଶରେ ମୋବାଇଲ ସ୍କ୍ୱାଡ୍ ଏସ୍ଆଇ ଭକ୍ତବତ୍ସଳ ବର୍ମା, ଏଏସ୍ଆଇ ପଙ୍କଜ ଦେହୁରୀ, ତୁଳଜ କୁମାର ଧଳ, ବିଶ୍ୱରଞ୍ଜନ ନାଥ, ହରିହର ସୋରେନ୍, ଦେବରାଜ ସାହୁ, ସମୀର ମହାଲିକ, ଶ୍ରଦ୍ଧାଞ୍ଜଳି ସାମଲ ପ୍ରମୁଖ ଚଢ଼ାଉ କରିଥିଲେ। ଏ ନେଇ ଦଫା ୫୨(ଏ)(ଆଇ) ୫୫(ବି), ଓଡ଼ିଶା ଅବକାରୀ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଥିବା ଇନ୍ସପେକ୍ଟର ସମୀର କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ୧୮ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଢେଙ୍କାନାଳ ଅଫିସ, ୯।୧:** ଢେଙ୍କାନାଳ ସହର ଲକ୍ଷ୍ମୀବଜାର ଅଞ୍ଚଳରୁ ବୁଧବାର କ୍ରାଇମ୍ବ୍ରାଞ୍ଚର ଏସ୍ଟିଏଫ୍ ସ୍କ୍ୱାଡ୍ ଚଢ଼ାଉ କରି ୧୮ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ସନ୍ଦୀପ କୁମାର ସ୍ୱାଇଁ (୩୫)। ତାଙ୍କ ନିକଟରୁ ଏକ ବାଇକ୍ ସହ ନଗଦ ୨୧୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ଏସ୍ଟିଏଫ୍ ପକ୍ଷରୁ ନଂ. ୩/୨୦, ଦଫା-୨୧(ବି) ଏନ୍ଡିପିଏସ୍ ଆକ୍ଟ ୧୯୮୫ରେ ମାମଲା ରୁଜୁ କରାଯାଇଛି। କ୍ରାଇମବ୍ରାଞ୍ଚ୍ ଏସ୍ଟିଏଫ୍ ଏସ୍ପିଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ଇ. କିରୋ, ଏସ୍ଆଇ ଜଗନ୍ନାଥ ସାହୁ ପ୍ରମୁଖ ସନ୍ଦୀପଙ୍କ ଘରେ ଚଢ଼ାଉ କରିଥିଲେ। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।
















Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ